## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୯୭ ● ପାଉଣ୍ଡ ୧୨୯.୫୧
- ୟୁରୋ ୧୧୨.୧୪ ● ୟେନ୍ ୦.୬୦

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୩,୮୫୦ (ଭୁବନେଶ୍ୱର)
- ରୁପା : ୨,୯୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୨୩୭.୦୦
- ନିଫ୍ଟି ୨୩,୬୪୩.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୪.୩୨ (ଭୁବନେଶ୍ୱର)
- ଡିଜେଲ୍ - ୯୫.୮୭

# ବେକାରୀ ହାର ୬ ମାସରେ ସର୍ବାଧିକ




ଏପ୍ରିଲରେ ୫.୨ ପ୍ରତିଶତ

ନୂଆଦିଲ୍ଲୀ,୧୭।୫(ଏଜେନ୍ସି): ସମ୍ପ୍ରତି ଦେଶରେ ଭାରତରେ ବେକାରୀ ହାରରେ ବୃଦ୍ଧି ଘଟିଛି। ବେକାରୀ ହାର ବର୍ତ୍ତମାନ ଛଅ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଏପ୍ରିଲ ମାସରେ ବେକାରୀ ହାର ୫.୨%ରେ ପହଞ୍ଚିଛି। କେନ୍ଦ୍ର ଶ୍ରମ ବଳ ସର୍ଭେ ତଥ୍ୟ ଅନୁଯାୟୀ, ସହରାଞ୍ଚଳ ମହିଳାମାନଙ୍କ ମଧ୍ୟରେ ବେକାରୀ ହାର ଏକ ବର୍ଷ ମଧ୍ୟରେ ସବୁଠାରୁ କମ୍ ରହିଥିଲା। ଦେଶରେ ୧୫ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ଲୋକଙ୍କ ପାଇଁ ବେକାରୀ ହାର ଏପ୍ରିଲରେ ୫.୨%କୁ ବୃଦ୍ଧି ପାଇଛି, ଯାହା ଗତ ୬ ମାସ ମଧ୍ୟରେ ସର୍ବୋଚ୍ଚ ସ୍ତର। ମାର୍ଚ୍ଚରେ ଏହି ହାର ୫.୧% ଥିଲା। ପୂର୍ବରୁ, ୨୦୨୫ ଅକ୍ଟୋବରରେ ବେକାରୀ ହାର ୫.୨% ରେକର୍ଡ କରାଯାଇଥିଲା। କେନ୍ଦ୍ର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ପିରିୟଡିକ୍ ଲେବର ଫୋର୍ସ ସର୍ଭେ ଅନୁଯାୟୀ, ସହରାଞ୍ଚଳରେ ବେକାରୀ ହାର ମାର୍ଚ୍ଚରେ ୬.୮%ରୁ ଏପ୍ରିଲରେ ୬.୬୫କୁ ହ୍ରାସ ପାଇଛି, ଯେତେବେଳେ ଗ୍ରାମାଞ୍ଚଳରେ ଏହା ୪.୩%ରୁ ୪.୬%କୁ ବୃଦ୍ଧି ପାଇଛି। ଏହି ଦେଶବ୍ୟାପୀ ସର୍ଭେ ୩୭୪,୨୪୩ ଜଣ ଉତ୍ତରଦାତାଙ୍କଠାରୁ ସଂଗୃହୀତ ସୂଚନା ଉପରେ ଆଧାର କରି କରାଯାଇଥିଲା।

ଏପ୍ରିଲ ମାସରେ ପୁରୁଷଙ୍କ କ୍ଷେତ୍ରରେ ବେକାରୀ ହାର ୫.୧ ପ୍ରତିଶତ ରହିଥିଲା, ଯାହା ମାର୍ଚ୍ଚରେ ୫ ପ୍ରତିଶତ ଥିଲା। ଗ୍ରାମାଞ୍ଚଳରେ ପୁରୁଷ ବେକାରୀ ହାର ୪.୪ ପ୍ରତିଶତରୁ ୪.୭ ପ୍ରତିଶତକୁ ବୃଦ୍ଧି ପାଇଛି, ଯେତେବେଳେ କି ସହରାଞ୍ଚଳରେ ବେକାରୀ ହାର ୬.୧ ପ୍ରତିଶତରୁ ୫.୯ ପ୍ରତିଶତକୁ ହ୍ରାସ ପାଇଛି। ମହିଳାଙ୍କ କ୍ଷେତ୍ରରେ ବେକାରୀ ହାର ମାର୍ଚ୍ଚ ମାସରେ ୫.୩ ରୁ ୫.୪ ପ୍ରତିଶତକୁ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ମହିଳା ବେକାରୀ ହାର ୪.୪ ପ୍ରତିଶତକୁ ବୃଦ୍ଧି ପାଇଛି, ଯେତେବେଳେ କି ସହରାଞ୍ଚଳରେ ଏହି ହାର ୮.୫ ପ୍ରତିଶତକୁ ହ୍ରାସ ପାଇଛି। ଏହା ଗତ ବର୍ଷ ଏପ୍ରିଲ୍ ପରଠାରୁ ସର୍ବନିମ୍ନ ସ୍ତର। ମହିଳା ଅଂଶଗ୍ରହଣ ଅନୁପାତ (ଡବ୍ଲ୍ୟୁପିଆର୍), କିମ୍ବା କର୍ମଜୀବୀ ଜନସଂଖ୍ୟା ଅନୁପାତ, ଏପ୍ରିଲ୍ ମାସରେ ୫୨.୨ ପ୍ରତିଶତ ଥିଲା, ଯାହା ମାର୍ଚ୍ଚ ମାସରେ ୫୨.୬ ପ୍ରତିଶତ ରହିଥିଲା। ଏହା ସହରାଞ୍ଚଳରେ ୪୬.୮ ପ୍ରତିଶତରେ ସ୍ଥିର ରହିଛି, ଯେତେବେଳେ କି ଗ୍ରାମାଞ୍ଚଳରେ ଏହା ୫୪.୯ ପ୍ରତିଶତକୁ ହ୍ରାସ ପାଇଛି। ଶ୍ରମଶକ୍ତି ଅଂଶଗ୍ରହଣ ହାର (ଏଲ୍‌ଏଫ୍‌ପିଆର୍) ଏପ୍ରିଲ ମାସରେ ୫୫ ପ୍ରତିଶତକୁ ହ୍ରାସ ପାଇଛି, ଯାହା ମାର୍ଚ୍ଚ ମାସରେ ୫୫.୪ ପ୍ରତିଶତ ଥିଲା। ଏହା ଗ୍ରାମାଞ୍ଚଳରେ ୫୭.୫ ପ୍ରତିଶତ ଏବଂ ସହରାଞ୍ଚଳରେ ୫୦.୧ ପ୍ରତିଶତ ଥିଲା। ୧୫ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ମହିଳାଙ୍କ ପାଇଁ ଶ୍ରମଶକ୍ତି ଅଂଶଗ୍ରହଣ ହାର ଏପ୍ରିଲରେ ୩୩.୯ ପ୍ରତିଶତକୁ ହ୍ରାସ ପାଇଛି, ଯାହା ମାର୍ଚ୍ଚ ମାସରେ ୩୪.୪ ପ୍ରତିଶତ ଥିଲା। ଗ୍ରାମାଞ୍ଚଳରେ ମହିଳାମାନଙ୍କ ପାଇଁ ଏଲ୍‌ଏଫ୍‌ପିଆର୍ ୩୮.୨ ପ୍ରତିଶତ ଏବଂ ସହରାଞ୍ଚଳ ମହିଳାଙ୍କ ପାଇଁ ୨୫ ପ୍ରତିଶତ ଥିଲା।

# ଡଚ୍ ସିଇଓଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୭।୫(ଏଜେନ୍ସି): ନେଦରଲ୍ୟାଣ୍ଡ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ନେଦରଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ରବ ଜେଟେନ ଆଜି ଶକ୍ତି, ବନ୍ଦର, ସ୍ୱାସ୍ଥ୍ୟ, କୃଷି ବାଣିଜ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ଭଳି ବିଭିନ୍ନ କ୍ଷେତ୍ରର ପ୍ରମୁଖ ଡଚ୍ କମ୍ପାନୀଗୁଡ଼ିକର କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ମାନଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଉଦ୍ୟୋଗ ଜଗତର ନେତୃତ୍ୱମାନେ ତିନୋଟି କ୍ଲଷ୍ଟର, ଯଥା : ସେମିକଣ୍ଡକ୍ଟର, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ; ଭିତ୍ତିଭୂମି, ଲଜିଷ୍ଟିକ୍ସ ଏବଂ ସାମୁଦ୍ରିକ; ଏବଂ ସ୍ଥିରତା, ଶକ୍ତି ଏବଂ କୃଷି; ଉପରେ ତାଙ୍କର ବିଚାରଧାରାକୁ ଉପସ୍ଥାପନା କରିଥିଲେ। ଏହା ସହିତ ଭାରତ ପାଇଁ ସେମାନଙ୍କର ରଣନୀତି ସମ୍ପର୍କରେ ଉଲ୍ଲେଖ କରିଥିଲେ । ବୈଠକ ପୂର୍ବରୁ, ଦୁଇ ନେତାଙ୍କ ଉପସ୍ଥିତିରେ ଏଏସଏମଏଲ୍ ଏବଂ ଟାଟା ଇଲେକ୍ଟ୍ରୋନିକ୍ସ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ସେମାନେ ଗୁଜରାଟର ଧୋଲେରାରେ ଭାରତର ପ୍ରଥମ ଫ୍ରଣ୍ଟ-ଏଣ୍ଡ ସେମିକଣ୍ଡକ୍ଟର ଏଫଏବି ପାଇଁ ଟାଟା ଇଲେକ୍ଟ୍ରୋନିକ୍ସ ଏବଂ ଏଏସଏମଏଲ୍ ର ମିଳିତ ସହଭାଗୀତା ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ଭାରତ ଏବଂ ନେଦରଲ୍ୟାଣ୍ଡ ମଧ୍ୟରେ ବ୍ୟବସାୟିକ ସମ୍ପର୍କର ଗଭୀରତାକୁ ସ୍ୱାଗତ କରିଥିଲେ ଏବଂ ଭାରତର ଅର୍ଥନୈତିକ ସ୍ଥିତିଶୀଳତା ପ୍ରତି ଡଚ୍ କମ୍ପାନୀଗୁଡ଼ିକର ବୃଦ୍ଧି ପାଉଥିବା ଆଗ୍ରହକୁ ପ୍ରଶଂସା କରିଥିଲେ। ସାମ୍ପ୍ରତିକ ସଂସ୍କାର ଏବଂ ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରି, ସେ ବ୍ୟବସାୟ କରିବାର ସହଜତାକୁ ଉନ୍ନତ କରିବା ଏବଂ ଏକ ସ୍ଥିର, ଦକ୍ଷ ଏବଂ ପୂର୍ବାନୁମାନଯୋଗ୍ୟ ନୀତି ପରିବେଶ ପ୍ରତିଷ୍ଠା କରିବା ପାଇଁ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ।

## ତେଲ ଦରବୃଦ୍ଧିରେ ଲାଗିବ ଡବଲ୍ ଝଟ୍‌କା

# ମହଙ୍ଗା ହେବ ହୋଟେଲ୍ ଖାଇବା, ଅନ୍‌ଲାଇନ୍ ଖାଦ୍ୟ




## ମୂଲ୍ୟ ୧୦% ପର୍ଯ୍ୟନ୍ତ ବଢ଼ିପାରେ

## ଡେଲିଭରୀ ଚାର୍ଜ ବଢ଼ିବ, ଡିସ୍‌କାଉଣ୍ଟ କମିବ

ନୂଆଦିଲ୍ଲୀ, ୧୭।୫ (ଏଜେନ୍ସି): ତେଲ କମ୍ପାନୀଗୁଡ଼ିକ ଦ୍ୱାରା ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ବୃଦ୍ଧି ଏବେ ସିଧାସଳଖ ଗ୍ରାହକଙ୍କ ପକେଟ୍ ଏବଂ ଖାଇବା ଥାଳି ଉପରେ ପଡିବାକୁ ଯାଉଛି। ଆସନ୍ତା ସପ୍ତାହଠାରୁ ବାହାରେ ଖାଇବା ଏବଂ ଅନଲାଇନ୍ ଖାଦ୍ୟ ଅର୍ଡର କରିବା ୫ ରୁ ୧୦% ମହଙ୍ଗା ହୋଇପାରେ। ରେସ୍ତୋରାଁ ପରିଚାଳକମାନେ କହିଛନ୍ତି ଯେ ବର୍ଦ୍ଧିତ ଖର୍ଚ୍ଚ ହେତୁ ଏହି ନିଷ୍ପତ୍ତି ନେବାକୁ ସେମାନେ ବାଧ ହୋଇଛନ୍ତି।

ଶୁକ୍ରବାର ସରକାରୀ ତେଲ କମ୍ପାନୀଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ବୃଦ୍ଧି କରିବା ପରେ ଆସନ୍ତା ସପ୍ତାହଠାରୁ ବାହାର ଖାଦ୍ୟ ଏବଂ ବାହାରେ ଖାଇବା ୫ ରୁ ୧୦% ମହଙ୍ଗା ହେବାକୁ ଯାଉଛି। ରେସ୍ତୋରାଁ ଶିଳ୍ପର ଅଗ୍ରଣ କମ୍ପାନୀଗୁଡିକର କହିବା ହେଉଛି, ଇନ୍ଧନ ମୂଲ୍ୟ ବୃଦ୍ଧି ଯୋଗୁଁ ପରିବହନ ଏବଂ ପ୍ୟାକେଜିଂ ଖର୍ଚ୍ଚରେ ଯଥେଷ୍ଟ ବୃଦ୍ଧି ଘଟିଛି, ଯାହା ଫଳରେ ସେମାନଙ୍କ ପାଖରେ ଖାଦ୍ୟ ମୂଲ୍ୟ ବୃଦ୍ଧି କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ପ୍ରକୃତରେ, ଖାଦ୍ୟ ଶିଳ୍ପ ପାଇଁ ଏହି ଆଘାତ ଏପରି ସମୟରେ ଆସିଛି ଯେତେବେଳେ ସେମାନେ ପୂର୍ବରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ଦୁଇ ମାସ ଧରି ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ଯୋଗୁଁ ବାଣିଜ୍ୟିକ ଏଲପିଜି ଗ୍ୟାସର ଅଭାବ, ଏହାର ମୂଲ୍ୟ ବୃଦ୍ଧି ଏବଂ ଶ୍ରମିକ ଅଭାବ ରେସ୍ତୋରାଁଗୁଡ଼ିକୁ ପଙ୍ଗୁ କରିଦେଇଛି। କାଫେ ଦିଲ୍ଲୀ ହାଇଟ୍ସର ପ୍ରତିଷ୍ଠାତା ବିକ୍ରାନ୍ତ ବାତ୍ରା କହିଛନ୍ତି ଯେ ବର୍ଦ୍ଧିତ ଇନ୍ଧନ ମୂଲ୍ୟ ପରିବହନ, ପ୍ୟାକେଜିଂ ଏବଂ କଞ୍ଚାମାଲର ମୂଲ୍ୟକୁ ଯଥେଷ୍ଟ ବୃଦ୍ଧି କରିବ। ଏହାର ପ୍ରଭାବ ଏତେ ଗୁରୁତର ଯେ ଏହା ଆମ କର୍ମଚାରୀଙ୍କ ଜୀବନଯାପନ ଖର୍ଚ୍ଚକୁ ମଧ୍ୟ ବୃଦ୍ଧି କରିବ। ଫଳସ୍ୱରୂପ, ଆମେ ମୂଲ୍ୟ ବୃଦ୍ଧି କରିବାକୁ ବାଧ୍ୟ।

ଜାତୀୟ ରେସ୍ତୋରାଁ ଆସୋସିଏସନ୍ ଅଫ୍ ଇଣ୍ଡିଆର ସଭାପତି ଏବଂ ୱାଓ! ମୋମୋର ସହ-ପ୍ରତିଷ୍ଠାତା ସାଗର ଦରିଆନି ବ୍ୟାଖ୍ୟା କରିଛନ୍ତି ଯେ ଇନ୍ଧନ ମୂଲ୍ୟରେ ଏହି ବୃଦ୍ଧି ଏଲପିଜି ମୂଲ୍ୟରେ ୬୦% ବୃଦ୍ଧି ପରେ ଆସିଛି। ରେସ୍ତୋରାଁଗୁଡ଼ିକ ସାଧାରଣତଃ ପ୍ରତିବର୍ଷ ସେପ୍ଟେମ୍ବରରେ ପ୍ରାୟ ମୂଲ୍ୟ ବୃଦ୍ଧି କରିଥାନ୍ତି, କିନ୍ତୁ ଏଥର ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ସେମାନେ ଜୁଲାଇ ପହିଲାରୁ ମୂଲ୍ୟ ବୃଦ୍ଧି କରିବାକୁ ବାଧ ହୋଇଛନ୍ତି। କିଛି ଫୁଡ୍ ଚେନ୍ ଆସନ୍ତା ସପ୍ତାହରୁ ସେମାନଙ୍କର ମେନୁରେ ପରିବର୍ତ୍ତନ କରିବେ, ଯେତେବେଳେ କି ଅନ୍ୟମାନେ ଜୁନ୍ କିମ୍ବା ଜୁଲାଇରେ ଏହାକୁ କାର୍ଯ୍ୟକାରୀ କରିବେ। ଲଜିଷ୍ଟିକ୍ସ ଖର୍ଚ୍ଚ ବୃଦ୍ଧି ଯୋଗୁଁ, ଆଗାମୀ ଦିନରେ ଡେଲିଭରି ଚାର୍ଜ ମଧ୍ୟ ବୃଦ୍ଧି ପାଇପାରେ। ଏଥିରେ ସର୍ବନିମ୍ନ ଅର୍ଡର ମୂଲ୍ୟ ସୀମିତ ହୋଇପାରେ ଏବଂ ଡିସ୍‌କାଉଣ୍ଟ ହ୍ରାସ ହୋଇପାରେ ବୋଲି ଏକ ପ୍ରମୁଖ ଖାଦ୍ୟ ବିତରଣ ପ୍ଲାଟଫର୍ମର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହା ବ୍ୟତୀତ, ଜୋମାଟୋ ଏବଂ ସ୍ୱିଗି ଭଳି ପ୍ଲାଟଫର୍ମ ଦ୍ୱାରା ପାର୍ଟନର ଫି' ବୃଦ୍ଧି ଏବେ ରେସ୍ତୋରାଁଗୁଡିକର ଚିନ୍ତା ବଢ଼ାଇଛି।

# ଭାରତୀୟ ବଜାର ଉପରୁ ତୁଟୁଛି ଏଫ୍‌ପିଆଇଙ୍କ ଆସ୍ଥା

## ୨୦୨୬ରେ ଉଠାଇନେଲେଣି ୨.୨ ଲକ୍ଷ କୋଟି

## ମେ' ମାସରେ ୨୭,୦୦୦ କୋଟି ପ୍ରତ୍ୟାହାର




ମୁମ୍ବଇ,୧୭।୫(ଏଜେନ୍ସି): ବୈଶ୍ୱିକ ଅର୍ଥନୈତିକ ଅନିଶ୍ଚିତତା ଏବଂ ଭୂ-ରାଜନୈତିକ ତିକ୍ତତା ମଧ୍ୟରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ) ମାନେ ଭାରତୀୟ ସେୟାର ବଜାରରୁ କ୍ରମାଗତ ଭାବେ ନିଜର ପୁଞ୍ଜି ପ୍ରତ୍ୟାହାର କରିବାରେ ଲାଗିଛନ୍ତି। ଚଳିତ ମେ (୨୦୨୬) ମାସରେ ଏପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ଭାରତୀୟ ଇକ୍ୱିଟି ବଜାରରୁ ୨୭,୦୪୮ କୋଟି ଟଙ୍କା ଉଠାଇ ନେଇଛନ୍ତି। ଏହି ସ୍ୱଳ୍ପକାଳୀନ ବିକ୍ରି ପ୍ରକ୍ରିୟା ସହିତ, ୨୦୨୬ ରେ ବର୍ତ୍ତମାନ ସୁଦ୍ଧା ମୋଟ ପୁଞ୍ଜି ପ୍ରତ୍ୟାହାର ୨.୨ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିସାରିଛି। ଏହି ସଂଖ୍ୟା ଗତ ସମ୍ପୂର୍ଣ୍ଣ ୨୦୨୫ ବର୍ଷର ମୋଟ ଶେୟାର ବିକ୍ରି (୧.୬୬ ଲକ୍ଷ କୋଟି ଟଙ୍କା) ତୁଳନାରେ ଯଥେଷ୍ଟ ଅଧିକ।

ନ୍ୟାସନାଲ ସିକ୍ୟୁରିଟିଜ୍ ଡିପୋଜିଟୋରୀ ଲିମିଟେଡ୍ (ଏନ୍‌ଏସ୍‌ଡିଏଲ୍) ର ତଥ୍ୟ ଅନୁଯାୟୀ, ୨୦୨୬ ମସିହାରେ କେବଳ ଫେବୃଆରୀ ମାସକୁ ବାଦ୍ ଦେଲେ ଅନ୍ୟ ସମସ୍ତ ମାସରେ ବିଦେଶୀ ନିବେଶକମାନେ ନେଟ୍ ବିକ୍ରେତା ସାଜିଛନ୍ତି। ଜାନୁଆରୀରେ ୩୫,୯୬୨ କୋଟି ଟଙ୍କାର ସେୟାର ବିକ୍ରି ହୋଇଥିଲା। ଫେବୃଆରୀରେ ବଜାରରେ ସକାରାତ୍ମକ ପରିବର୍ତ୍ତନ ଆସି ଗତ ୧୭ ମାସର ସର୍ବାଧିକ ୨୨,୬୧୫ କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଥିଲା। ହେଲେ ମାର୍ଚ୍ଚ ମାସରେ ରେକର୍ଡ ସ୍ତ ୧.୧୭ ଲକ୍ଷ କୋଟି ଟଙ୍କା ବଜାରରୁ ପ୍ରତ୍ୟାହାର କରାଯାଇଥିଲା। ଅପ୍ରେଲ ମାସରେ ବି ବିକ୍ରି ଧାରା ଜାରି ରହିବା ସହ ୬୦,୮୪୭ କୋଟି ଟଙ୍କା ଉଠାଇ ନେଇଥିଲେ ବିଦେଶୀ ନିବେଶକ।

ଆର୍ଥିକ ବିଶେଷଜ୍ଞମାନଙ୍କ ମତରେ ଏହି ବଡ଼ ଧରଣର ବିକ୍ରି ପଛରେ କିଛି ପ୍ରମୁଖ ବୈଶ୍ୱିକ କାରଣ ରହିଛି। ତାହା ହେଉଛି, ୧. ବୈଶ୍ୱିକ ଅନିଶ୍ଚିତତା ଓ ଅଶୋଧିତ ତୈଳ ଦର ବୃଦ୍ଧି ,ମଜବୁତ ଡଲାର ଓ ୟୁଏସ୍ ବଣ୍ଡ ଇଲ୍ଡ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଆଡ଼କୁ ଆକର୍ଷଣ। କ୍ରମାଗତ ପାଣ୍ଠି ବିକ୍ରି ଏବଂ ଚଳନ୍ତି ଖାତା ନିଅଣ୍ଟରେ ବୃଦ୍ଧି ଯୋଗୁ ଭାରତୀୟ ଟଙ୍କା ଉପରେ ପ୍ରବଳ ଚାପ ପଡ଼ିଛି। ବର୍ଷ ଆରମ୍ଭରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ୯୦ ସ୍ତରରେ ଥିବାବେଳେ, ମେ ୧୫ ସୁଦ୍ଧା ଏହା ରେକର୍ଡ ହ୍ରାସ ପାଇ ୯୬.୧୪ ରେ ପହଞ୍ଚିଛି। ତେବେ ଏହି ବ୍ୟାପକ ବିକ୍ରି ସତ୍ତ୍ୱେ, ବିଦେଶୀ ନିବେଶକମାନେ ସମ୍ପୂର୍ଣ୍ଣ ଭାବେ ଭାରତୀୟ ବଜାର ଛାଡ଼ିନାହାନ୍ତି। ସେମାନେ ଭାରତର ପାୱାର, ନିର୍ମାଣ ଏବଂ କ୍ୟାପିଟାଲ ଗୁଡ୍ସ ଭଳି କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ର ପ୍ରତି ଏବେ ମଧ୍ୟ ଆଗ୍ରହ ପ୍ରକାଶ କରୁଛନ୍ତି।

# ପ୍ଲାଟିନମ୍ ଆମଦାନୀ ଶୁଳ୍କ ଦୁଇଗୁଣ ହେଲା

## ୧୮ ହଜାର ମହଙ୍ଗା ହେବ ଡିଜେଲ୍ ଏବଂ ହାଇବ୍ରିଡ୍ କାର

ନୂଆଦିଲ୍ଲୀ, ୧୭।୫ (ଏଜେନ୍ସି): ଦେଶରେ ଡିଜେଲ୍ ଏସ୍‌ୟୁଭି ଏବଂ ଶକ୍ତିଶାଳୀ ହାଇବ୍ରିଡ୍ କାର କ୍ରୟ ମହଙ୍ଗା ହେବ। ପ୍ଲାଟିନମ୍ ଉପରେ ପ୍ରଭାବୀ ଆମଦାନି ଶୁଳ୍କ ୬.୪%ରୁ ୧୫.୪%କୁ ବୃଦ୍ଧି ପାଇଛି। ଏହା ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ମୂଲ୍ୟବାନ ଧାତୁ ବ୍ୟବହାର କରୁଥିବା ଯାନଗୁଡ଼ିକୁ ପ୍ରଭାବିତ କରିବ। ଅଟୋ କମ୍ପାନୀଗୁଡ଼ିକ ବର୍ଦ୍ଧିତ ଖର୍ଚ୍ଚକୁ ସିଧାସଳଖ ଗ୍ରାହକଙ୍କ ଉପରେ ଲଦି ଦେଇପାରନ୍ତି। ଏହା ମଧ୍ୟମ ଆକାରର ଡିଜେଲ୍ ଏସ୍‌ୟୁଭିର ମୂଲ୍ୟ ୧୨,୦୦୦ ଟଙ୍କା ଏବଂ ଶକ୍ତିଶାଳୀ ହାଇବ୍ରିଡ୍ କାରର ମୂଲ୍ୟ ୧୮,୦୦୦ ଟଙ୍କା ବୃଦ୍ଧି କରିପାରେ। ଏମିତିକି ଏଣ୍ଟ୍ରି ଲେବଲ ସ୍ତରର ପେଟ୍ରୋଲ୍ କାରଗୁଡ଼ିକ ମଧ୍ୟ ୪୦୦୦ ଟଙ୍କା ମହଙ୍ଗା ହୋଇପାରେ। ବିଏସ୍-୬ ମାନଦଣ୍ଡ ପୂରଣ କରିବା ପାଇଁ ଯାନଗୁଡ଼ିକରେ ପ୍ଲାଟିନମ୍ ବ୍ୟବହାର କରାଯାଏ।

ନିତି ଆୟୋଗର ପୂର୍ବତନ ନିର୍ଦ୍ଦେଶକ ରଣଧୀର ସିଂହଙ୍କ ଅନୁଯାୟୀ, ପ୍ଲାଟିନମ୍ ଉପରେ ଶୁଳ୍କ ବୃଦ୍ଧି ପ୍ରଦୂଷଣ ନିୟମ ପାଳନର ମୂଲ୍ୟ ବୃଦ୍ଧି କରିବ। ଏଥିରେ ଟାଟା ମୋଟର୍ସ ଭଳି କମ୍ପାନୀଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ ହେବେ। ସ୍କର୍ପିଓ-ଏନ୍, ଥର ଏବଂ ଏକ୍ସୟୁଭି-୭୦୦ ଭଳି ମଡେଲଗୁଡ଼ିକ ଉପରେ ମହିନ୍ଦ୍ରାର ଖର୍ଚ୍ଚ ବୃଦ୍ଧି ପାଇବ। ଟୟୋଟା ଏବଂ ମାରୁତିର ଶକ୍ତିଶାଳୀ ହାଇବ୍ରିଡ୍ କାରର ମୂଲ୍ୟ ମଧ୍ୟ ବୃଦ୍ଧି ପାଇବ। ହାଇବ୍ରିଡ୍ ଯାନରେ ଇଞ୍ଜିନ୍ ବାରମ୍ବାର ପୁନଃଆରମ୍ଭ ହୁଏ। ସେମାନଙ୍କର ଫିଲ୍ଟରଗୁଡ଼ିକ ଅଧିକ ପ୍ଲାଟିନମ୍ ବ୍ୟବହାର କରିଥାନ୍ତି। ଏହାଛଡା ଭାରୀ ଯାନଗୁଡ଼ିକ ଅଧିକ ପ୍ଲାଟିନମ୍ ବ୍ୟବହାର କରନ୍ତି। ସୂଚନାଯୋଗ୍ୟ ଯେ, ସାଧାରଣ ପ୍ରଦୂଷଣ ମାତ୍ରା ହ୍ରାସ କରିବା ପାଇଁ ପ୍ଲାଟିନମ୍ ବ୍ୟବହାର କରାଯାଏ। ଭାରୀ ଯାନରେ ଅଧିକ ପରିମାଣ ସେମାନଙ୍କର ଉତ୍ପାଦନ ଖର୍ଚ୍ଚ ଉପରେ ସର୍ବାଧିକ ପ୍ରଭାବ ପକାଇବ।

## ଇନଷ୍ଟାଗ୍ରାମ ହେଉଛି 'ଝିଅମାନଙ୍କ ପାଇଁ'

# ମସ୍କଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସୋସିଆଲ ମିଡିଆରେ ହଙ୍ଗାମା



ନୂଆଦିଲ୍ଲୀ, ୧୭।୫ (ଏଜେନ୍ସି): ଟେକ୍ ଜଗତର ସବୁଠାରୁ ଚର୍ଚ୍ଚିତ ବିଲିୟନେୟାର ତଥା ଏକ୍ସ 'ର ମାଲିକ ଏଲନ ମସ୍କ ପୁଣିଥରେ ଏକ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାକୁ ଆସିଛନ୍ତି। ମାର୍କ ଜୁକରବର୍ଗଙ୍କ ମେଟା କମ୍ପାନୀର ଲୋକପ୍ରିୟ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମକୁ ନେଇ ମସ୍କ ଏକ ଆପତ୍ତିଜନକ ଟିପ୍ପଣୀ କରିଛନ୍ତି, ଯାହାକୁ ନେଇ ଇଣ୍ଟରନେଟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ଜୀବନଶୈଳୀ ଓ ଅଭ୍ୟାସକୁ ନେଇ ଚାଲିଥିବା ଏକ ଆଲୋଚନାରେ ଭାଗ ନେଇ ମସ୍କ କେବଳ ତିନୋଟି ଶବ୍ଦ ଲେଖିଥିଲେ – 'ଇନଷ୍ଟାଗ୍ରାମ ହେଉଛି ଝିଅମାନଙ୍କ ପାଇଁ'। ଏତିକିରେ ସେ ଅଟକି ନ ଥିଲେ, ବିବାଦ ବଢ଼ିବା ପରେ ସେ ଆଉ ଏକ ପୋଷ୍ଟ କରି ଲେଖିଥିଲେ। କେବେ କେବେ ବୟସ୍କ ପୁରୁଷମାନେ ମତେ ସେମାନଙ୍କର ଇନଷ୍ଟାଗ୍ରାମ ପ୍ରୋଫାଇଲ୍ ପଠାନ୍ତି, ସେତେବେଳେ ମତେ ଲାଗେ ଯେ ସେମାନେ ନିଜର ଜେଣ୍ଡର ବଦଳାଉଛନ୍ତି। ମସ୍କଙ୍କ ଏହି ମନ୍ତବ୍ୟ ସାମ୍ନାକୁ ଆସିବା ପରେ ଅନେକ ୟୁଜର୍ସ ତାଙ୍କୁ ସମାଲୋଚନା କରିଛନ୍ତି। ନେଟିଜେନ୍ସ ଏହାକୁ ସେକ୍ସିଷ୍ଟ (ଲିଙ୍ଗଗତ ବୈଷମ୍ୟମୂଳକ) ଏବଂ ମହିଳା ବିରୋଧୀ ମାନସିକତା ବୋଲି ଅଭିହିତ କରିଛନ୍ତି। କିଛି ବ୍ୟବହାରକାରୀ ମସ୍କଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ଇନଷ୍ଟାଗ୍ରାମରେ ସମସ୍ତେ ସକ୍ରିୟ ଥିବାବେଳେ ଏଭଳି ରୁଢ଼ିବାଦୀ ଚିନ୍ତାଧାରା ରଖିବା ଜଣେ ବଡ଼ ଟେକ୍ ଲିଡରଙ୍କୁ ଶୋଭା ପାଏନାହିଁ।

## ଓଟିପି ନୁହେଁ କି ପିନ୍

# ସାଇବର ଠକଙ୍କ ନୂଆ ଟାର୍ଗେଟ୍ 'ଏଇପିଏସ୍'

## ନିମିଷକରେ ଖାଲି ହୋଇଯାଉଛି ବ୍ୟାଙ୍କ ଆକାଉଣ୍ଟ

ନୂଆଦିଲ୍ଲୀ,୧୭।୫(ଏଜେନ୍ସି): ସାଧାରଣତଃ ବିଶ୍ୱାସ କରାଯାଏ ଯେପର୍ଯ୍ୟନ୍ତ ଓଟିପି କିମ୍ବା ଏଟିଏମ୍ ପିନ୍ କାହା ସହିତ ସେୟାର କରା ନ ଯାଏ , ସେ ପର୍ଯ୍ୟନ୍ତ ବ୍ୟାଙ୍କ ଆକାଉଣ୍ଟ ସମ୍ପୂର୍ଣ୍ଣ ସୁରକ୍ଷିତ। କିନ୍ତୁ ସାଇବର ଅପରାଧୀମାନେ ଏବେ ଏହି ବିଶ୍ୱାସକୁ ଭାଙ୍ଗିବା ପାଇଁ ଏକ ନୂତନ ଉପାୟ ପାଇଛନ୍ତି। ଠକମାନେ ବର୍ତ୍ତମାନ ସରକାରୀ ସୁବିଧା, ଏଇପିଏସ୍‌ର ସୁଯୋଗ ନେଇ କୌଣସି କୋଡ୍ କିମ୍ବା ପିନ୍ ବିନା ଲୋକଙ୍କ ଆକାଉଣ୍ଟରୁ ଟଙ୍କା ଲୁଟିନେଉଛନ୍ତି।

### ଏଇପିଏସ୍ କ'ଣ

ଏଇପିଏସ୍ ହେଉଛି ଆଧା, ସକ୍ଷମ(ଏନେବଲ) ପେମେଣ୍ଟ ସିଷ୍ଟମ। ଏହା ବିଶେଷ ଭାବରେ ସେହି ଲୋକଙ୍କ ସୁବିଧା ପାଇଁ ଡିଜାଇନ୍ କରାଯାଇଥିଲା ,ଯେଉଁମାନେ ଏଟିଏମ୍ କାର୍ଡ ବ୍ୟବହାର କରିବାକୁ ଜାଣନ୍ତିନାହିଁ କିମ୍ବା ପିନ୍ ମନେ ରଖିବାରେ ଅସୁବିଧା ଅନୁଭବ କରନ୍ତି। ଏହି ସିଷ୍ଟମ ମାଧ୍ୟମରେ, କେବଳ ଆଧାର ନମ୍ବର ପ୍ରଦାନ କରି ଏବଂ ଏକ ବାୟୋମେଟ୍ରିକ୍ ମେସିନରେ ଆଙ୍ଗୁଠି ପ୍ରିଣ୍ଟ ରଖି ବ୍ୟାଙ୍କରୁ ଟଙ୍କା ଉଠାଯାଇଥାଏ। ଏଥିରେ ଫୋନ୍ କିମ୍ବା ଓଟିପି ଆବଶ୍ୟକ ନାହିଁ।

ଏହି ବ୍ୟବସ୍ଥାରେ ଓଟିପିର ଏହି ଅଭାବ ଏବେ ସାଇବର ଅପରାଧୀମାନଙ୍କ ପାଇଁ ଏକ ପ୍ରମୁଖ ଅସ୍ତ୍ର ପାଲଟିଛି। ଅନେକ ସମୟରେ, ଯେତେବେଳେ ଲୋକମାନେ ଜମି ପଞ୍ଜିକରଣ କିମ୍ବା ଅନ୍ୟାନ୍ୟ ସରକାରୀ କାଗଜପତ୍ର ପାଇଁ ସେମାନଙ୍କର ଡକ୍ୟୁମେଣ୍ଟ ଦାଖଲ କରନ୍ତି, ସେମାନେ ବୁଢ଼ା ଅଙ୍ଗୁଳି ବ୍ୟବହାର କରନ୍ତି। ଠକମାନେ କୌଣସି ପ୍ରକାରେ ଏହି ଡକ୍ୟୁମେଣ୍ଟଗୁଡ଼ିକରୁ ଆଙ୍ଗୁଠିର ଚିହ୍ନ ସୂଚନା ଚୋରି କରିବାରେ ସଫଳ ହୁଅନ୍ତି। ତା'ପରେ ସେମାନେ ଏକ ନକଲି ଆଙ୍ଗୁଠି ପ୍ରିଣ୍ଟ ସୃଷ୍ଟି କରନ୍ତି। ଏହାପରେ ଅପରାଧୀମାନେ ତା ବ୍ୟକ୍ତିଙ୍କ ଆଧାର ନମ୍ବରକୁ ଏକ ମାଇକ୍ରୋ-ଏଟିଏମ୍ ମେସିନରେ ଏଣ୍ଟ୍ରି କରାଇ ସ୍କାନରରେ ନକଲି ଆଙ୍ଗୁଠିର ପ୍ରିଣ୍ଟ ରଖନ୍ତି। ମେସିନ୍ ବିଶ୍ୱାସ କରେ ଯେ ବ୍ୟକ୍ତି ଟଙ୍କା ଉଠାଉଛି। ବ୍ୟକ୍ତି ଜାଣିବା ପୂର୍ବରୁ ସିଧାସଳଖ ଆକାଉଣ୍ଟରୁ ଟଙ୍କା କଟିଯାଇଥାଏ। ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ୍ ରେ ଏପରି ଠକେଇ ବିଷୟରେ ବହୁ ସଂଖ୍ୟକ ଅଭିଯୋଗ ଆସୁଛି।




### ଠକେଇରୁ ବର୍ତ୍ତିବାର ୫ ଉପାୟ

#### ବାୟୋମେଟ୍ରିକ୍ସକୁ ଲକ୍ କରନ୍ତୁ

ଏହା ହେଉଛି ସବୁଠାରୁ ନିଶ୍ଚିତ ସମାଧାନ। ଏମ୍‌ଆଧାର ଆପ୍ କିମ୍ବା ୟୁଆଇଡିଏଆଇ ୱେବସାଇଟ୍‌କୁ ଯାଇ ବାୟୋମେଟ୍ରିକ୍ସକୁ ଲକ୍ କରାଯାଇପାରିବ। ଯେତେବେଳେ ଯେଉଁଠାରେ ଆଙ୍ଗୁଠିପ୍ରିଣ୍ଟ ବ୍ୟବହାର କରିବାକୁ ପଡ଼ିବ, ୧୦ ମିନିଟ୍ ପାଇଁ ଏହାକୁ ଆପ୍‌ରୁ ଅନଲକ୍ କରନ୍ତୁ।

#### ମାସ୍କଡ୍ ଆଧାର ବ୍ୟବହାର

କେବେ ବି କାହାକୁ ଆଧାରର ଫଟୋକପି ଦିଅନ୍ତୁ ନାହିଁ। ସର୍ବଦା ଏଥିରେ ସ୍ୱାକ୍ଷର କରନ୍ତୁ (ସ୍ୱ-ପ୍ରମାଣିତ କରନ୍ତୁ) ଏବଂ ଆପଣ ଏହାକୁ ଦାଖଲ କରିବାର ଉଦ୍ଦେଶ୍ୟ ସ୍ପଷ୍ଟ ଭାବରେ କୁହନ୍ତୁ। ଯଦି ସମ୍ଭବ ହୁଏ, ତେବେ ଏକ ‹ମାସ୍କଡ୍ ଆଧାର› ବ୍ୟବହାର କରନ୍ତୁ, ଯାହା ଆପଣଙ୍କ ଆଧାରର ପ୍ରଥମ ଆଠଟି ଅଙ୍କକୁ ଲୁଚାଇ ରଖେ।

#### ଭର୍ଚୁଆଲ୍ ଆଧାରର ବ୍ୟବହାର

ଯେକୌଣସି ସ୍ଥାନରେ ସମ୍ପୂର୍ଣ୍ଣ ଆଧାର ନମ୍ବର ବଦଳରେ ୧୬-ଅଙ୍କ ବିଶିଷ୍ଟ ଭର୍ଚୁଆଲ୍ ଆଇଡି (ଭିଆଇଡି) ବ୍ୟବହାର କରିପାରିବେ। ଏହା ସବୁଠି ବୈଧ ଏବଂ ବହୁତ ସୁରକ୍ଷିତ। ବ୍ୟାଙ୍କ ଆକାଉଣ୍ଟ ଏବଂ ଆର୍ଥିକ କାରବାରକୁ ସୁରକ୍ଷିତ ରଖିବା ପାଇଁ ଆଧାର ସହ ପାନ କାର୍ଡ ଲିଙ୍କ୍ କରାନ୍ତୁ।

